# NATIONAL NEWS BULLETIN (ODIA)

**1 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିଶ୍ୱକୁ ନେତୃତ୍ୱ ଦେବା କ୍ଷେତ୍ରରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରମୁଖ ଭୂମିକା ଗ୍ରହଣ କରିଛି - କହିଛନ୍ତି ରାଷ୍ଟ୍ରପତି ।

- ବିଭିନ୍ନ ପ୍ରସଙ୍ଗକୁ କେନ୍ଦ୍ର କରି ଲୋକସଭାରେ ହଟ୍ଟଗୋଳ, ଅପରାହ୍ଣ ୨ଟା ଯାଏଁ ଗୃହ ମୁଲତବୀ ।

- ୫ ଦିନିଆ ଭାରତ ଗସ୍ତରେ ଆସି ପହଞ୍ଚିଲେ ଚିଲି ରାଷ୍ଟ୍ରପତି, ବିଭିନ୍ନ ପ୍ରସଙ୍ଗକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଲେ ଆଲୋଚନା ।

- ୱାକଅଫ୍ ସଂଶୋଧନ ବିଧେୟକ ନେଇ ଲୋକମାନଙ୍କୁ ଭୁଲ୍ ତଥ୍ୟ ଦେଉଛନ୍ତି ବିରୋଧୀ, ଅଭିଯୋଗ କଲେ କେନ୍ଦ୍ରମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି ମୁହାଁମୁହିଁ ହେବେ ଲକ୍ଷ୍ନୌ ସୁପରଜ୍ୟାଣ୍ଟ୍ସ ଏବଂ ପଞ୍ଜାବ କିଙ୍ଗ୍ସ ।

# ଆର୍‌ବିଆଇ-ପ୍ରେସିଡେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କ ଭାରତକୁ ଏକ ବୈଶ୍ୱିକ ନେତୃତ୍ୱ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଡିଜିଟାଲ ନେଣଦେଣ କ୍ଷେତ୍ରରେ ଦେଶକୁ ଏକ ଅତ୍ୟାଧୁନିକ ସ୍ତରରେ ପହଞ୍ଚାଇବା ପାଇଁ ଆର୍‌ବିଆଇର ଭୂମିକା ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି । ମୁମ୍ବାଇଠାରେ ଚାଲିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କର ୯୦ତମ ବାର୍ଷିକ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଯୋଗଦେବା ଅବସରରେ ରାଷ୍ଟ୍ରପତି କହିଛନ୍ତି ସେଣ୍ଟ୍ରାଲ ବ୍ୟାଙ୍କ ଗତ ୯ ଦଶନ୍ଧି ଧରି ସରକାରଙ୍କ ବିଭିନ୍ନ ନୀତି ଏବଂ ଦୂରଦୃଷ୍ଟିକୁ ନେଇ ତା'ର ଯାତ୍ରା ଚଳାଇଛି । ଆସନ୍ତା ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟକୁ ହାସଲ କରିବା ପାଇଁ ଆର୍‌ବିଆଇର ଅବଦାନ ଅନେକ ରହିଛି ବୋଲି ସେ କହିଛନ୍ତି । ଦେଶର ଅର୍ଥନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଏହା ସହ ଜଡିତ ପ୍ରମୁଖ ପ୍ରତିଷ୍ଠାନ ନାବାର୍ଡ, ଆଇଡିବିଆଇ ଏବଂ ନ୍ୟାସନାଲ ହାଉସିଂ ବ୍ୟାଙ୍କ ଆଦିକୁ ଅର୍ଥନୈତିକ କ୍ଷମତା ଦେବାରେ ଆର୍‌ବିଆଇ ଚେଷ୍ଟା ଚଳାଇଛି । ଏହି ଅର୍ଥନୈତିକ ଅନୁଷ୍ଠାନ ଗୁଡ଼ିକ ଦେଶର କୃଷି, କ୍ଷୁଦ୍ର ବ୍ୟବସାୟ ଏବଂ ଗୃହନିର୍ମାଣ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ନିରବଚ୍ଛିନ୍ନ ସହାୟତା ପ୍ରଦାନ କରୁଛନ୍ତି ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଉଲ୍ଲେଖ କରିଛନ୍ତି ।

# ଏଲ୍‌ଏସ୍‌-ଆଡଜର୍ଣ୍ଣଡ

ଲୋକସଭାରେ ବିଭିନ୍ନ ପ୍ରସଙ୍ଗକୁ କେନ୍ଦ୍ରକରି ବିରୋଧୀମାନଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ଶୂନ୍ୟକାଳରେ ସମାଜବାଦୀ ଦଳର ସଭ୍ୟମାନେ ତାଙ୍କ ଦଳର ସାଂସଦ ରାମ୍‌ଜୀଲାଲ ସୁମନଙ୍କ ଉପରେ ହୋଇଥିବା ଆକ୍ରମଣ ପ୍ରସଙ୍ଗ ଉଠାଇ ପାଟିତୁଣ୍ଡ କରିଥିଲେ । କଂଗ୍ରେସ ଏବଂ ତୃଣମୂଳ କଂଗ୍ରେସ ସାଂସଦମାନେ ନକଲି ଭୋଟର ଆଇଡେଣ୍ଟି କାର୍ଡ ନମ୍ବର ସମ୍ପର୍କରେ ଆଲୋଚନା କରି ଗୃହରେ ହୋ-ହଲ୍ଲା କରିଥିଲେ । ବାଚସ୍ପତି ଓମ୍ ବିର୍ଲା ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ସଦସ୍ୟଙ୍କ ଦ୍ୱାରା ଆଗତ ମୁଲତବୀ ନୋଟିସ୍‌କୁ ପ୍ରତ୍ୟାଖାନ କରିବାରୁ ଗୃହରେ ବିରୋଧୀମାନେ ପ୍ଲା-କାର୍ଡ ପ୍ରଦର୍ଶନ କରିବାରୁ ବାଚସ୍ପତି ଏହାକୁ ନିୟମ ବିରୁଦ୍ଧ ବୋଲି ମନ୍ତବ୍ୟ ଦେଇଥିଲେ । ଗୃହ ନିୟମ ଅନୁଯାୟୀ ଚାଲିବ ବୋଲି ବାଚସ୍ପତି ଗୃହର ସଦସ୍ୟମାନଙ୍କୁ ବାରମ୍ବାର ଅନୁରୋଧ କରୁଥିବା ଦେଖିବାକୁ ମିଳିଥିଲା । ତେବେ ବିରୋଧୀମାନେ ସେମାନଙ୍କ ସ୍ଲୋଗାନ ଜାରି ରଖି ଗୃହରେ ପ୍ରବଳ ହଟ୍ଟଗୋଳ ସୃଷ୍ଟି କରିବାରୁ ବାଚସ୍ପତି ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ କରିଥିଲେ ।

# ଚିଲି ପ୍ରେସିଡେଣ୍ଟ ଭିଜିଟ୍

ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୫ ଦିନିଆ ଭାରତ ଗସ୍ତରେ ଆସିଥିବା ଚିଲି ରାଷ୍ଟ୍ରପତି ଗାବ୍ରିଏଲ ବୋରିକ୍ ଫଣ୍ଟ୍ଙ୍କ ସହ କଥାବାର୍ତ୍ତା କରୁଛନ୍ତି । ଏହି ସମୟରେ ଦୁଇ ନେତାଙ୍କ ମଧ୍ୟରେ ଉଭୟ ଦେଶ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭିନ୍ନ ଚୁକ୍ତିନାମାକୁ ସ୍ୱାକ୍ଷର କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିଥିବା ଚିଲି ରାଷ୍ଟ୍ରପତି ଶ୍ରୀ ଫଣ୍ଟ୍ ଆଜି ରାଜଘାଟ ଯାଇ ମହାତ୍ମାଗାନ୍ଧୀଙ୍କ ସମାଧି ସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ସେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କରଙ୍କ ସହ ସାକ୍ଷାତ୍ କରିଛନ୍ତି । ଏହି ଅବସରରେ ଚିଲି ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଚାଲିଥିବା ଦ୍ୱିପାକ୍ଷିକ ଆଲୋଚନା ଉଭୟ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି କରିବ ବୋଲି ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆଶାପ୍ରକଟ କରିଛନ୍ତି । ଦୁଇଦେଶ ମଧ୍ୟରେ ନୂତନ ଭାଗିଦାରୀ ଆରମ୍ଭ ହେବା ସହ ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ ହେବ ବୋଲି ଜୟଶଙ୍କର କହିଛନ୍ତି । ଏହି ଗସ୍ତ ଅବସରରେ ଚିଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହେବାକୁ ଥିବା ଭୋଜି ସଭାରେ ଯୋଗଦେଇ ସାକ୍ଷାତ୍ ଆଲୋଚନା କରିବେ ବୋଲି ଜଣାପଡିଛି ।

ଚିଲି ରାଷ୍ଟ୍ରପତିଙ୍କ ସହ ତାଙ୍କ ଦେଶର ମନ୍ତ୍ରୀ, ସାଂସଦ, ପ୍ରତିଷ୍ଠିତ ବ୍ୟବସାୟୀ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ସହ ଭାରତ ଗସ୍ତରେ

ଆସିଛନ୍ତି । ଦୁଇଦେଶ ମଧ୍ୟରେ ଏକ ସାଂସ୍କୃତିକ ସଂଯୋଗ ବୃଦ୍ଧି କରିବା ମଧ୍ୟ ଏହି ଗସ୍ତର ଲକ୍ଷ୍ୟ ରହିଛି ବୋଲି ଜଣାପଡିଛି । ତାଙ୍କ ଗସ୍ତକାଳରେ ରାଷ୍ଟ୍ରପତି ବୋରିକ୍ ଆଗ୍ରା, ମୁମ୍ବାଇ ଏବଂ ବେଙ୍ଗାଲୁରୁ ଆଦି ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ମୁମ୍ବାଇ ଏବଂ ବେଙ୍ଗାଲୁରୁରେ ଚିଲି ରାଷ୍ଟ୍ରପତି, ରାଜନେତା, ବ୍ୟବସାୟୀ, ଶିଳ୍ପପତି ଏବଂ ପୁଞ୍ଜିନିବେଶକାରୀଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ଆସନ୍ତା ୫ ତାରିଖରେ ସେ ଚିଲି ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି ।

## ୱାକ୍ଅଫ୍ ବିଲ୍

କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି ୱାକ୍ଅଫ୍ ସଂଶୋଧନ ବିଧେୟକର ଉଦ୍ଦେଶ୍ୟ କାହାରି ସମ୍ପତ୍ତି କବ୍ଜା କରିବା ନୁହେଁ ବରଂ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା । ସଂସଦ ବାହାରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ଶ୍ରୀ ଯୋଶୀ ବିରୋଧୀଦଳ ଲୋକମାନଙ୍କୁ ଏ ସଂକ୍ରାନ୍ତରେ ଭ୍ରମିତ କରୁଛି ବୋଲି ଅଭିଯୋଗ କରିଛନ୍ତି । ବିଜେପି ସାଂସଦ ଦୀନେଶ ଶର୍ମା ମଧ୍ୟ ଏହି ବିଲ୍‌କୁ ସମର୍ଥନ କରି କହିଛନ୍ତି ଯେଉଁମାନେ ଏହି ବିଲ୍‌କୁ ବିରୋଧ କରୁଛନ୍ତି ସେମାନେ ସମ୍ବିଧାନ ବିରୁଦ୍ଧ ଆଚରଣ କାର୍ଯ୍ୟରେ ଲିପ୍ତ ରହିଛନ୍ତି । ଅପରପକ୍ଷରେ ସମାଜବାଦୀ ପାର୍ଟି ସଭାପତି ଅଖିଳେଶ ଯାଦବ ଏହି ବିଲ୍‌କୁ ବିରୋଧ କରି ବିଜେପିକୁ କଟୁ ସମାଲୋଚନା କରିଛନ୍ତି ।

**V/O- (Prahlad Joshi)**

# ଏଲ୍‌ଏସ୍-ଶିବରାଜ

କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି ଅନ୍ତର୍ଜାତୀୟ ବଜାରରେ ସାରର ମୂଲ୍ୟ ବୃଦ୍ଧି ହେବା ସତ୍ତ୍ୱେ ସରକାର ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ସବ୍‌ସିଡି ସାର ଯୋଗାଇ ଦେଉଛନ୍ତି । କୃଷି ଉତ୍ପାଦନ ପାଇଁ ସାର ଏକ ଅତ୍ୟାବଶ୍ୟକ ଉପାଦାନ ଏବଂ ସରକରା ଏହାର ମୂଲ୍ୟ ଯାଞ୍ଚ କରିବା ପାଇଁ ପଦକ୍ଷେପ ଦେଇଛନ୍ତି ବୋଲି ସେ କହିଛନ୍ତି । ୨୬୬ ଟଙ୍କା ପ୍ରତି ବସ୍ତା ମୂଲ୍ୟରେ ଚାଷୀମାନଙ୍କୁ ୟୁରିଆ ସାର ଯୋଗାଇ ଦିଆଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

**V/O (Shivraj Singh)**

# ଅମିତ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ସରକାର ନକ୍ସଲମୁକ୍ତ ଭାରତ ଗଠନ ଦିଗରେ ଏକ ଦୃଢ଼ ପଦକ୍ଷେପ ନେଉଛନ୍ତି । ବାମପନ୍ଥୀ ଉଗ୍ରବାଦ ଦ୍ୱାରା ସର୍ବାଧିକ ପ୍ରଭାବିତ ଜିଲ୍ଲାର ସଂଖ୍ୟା ୧୨ରୁ ୬କୁ ହ୍ରାସ କରି ଦେଶ ଏକ ନୂତନ ସଫଳତା ହାସଲ କରିଛି ବୋଲି ସେ ଉଲ୍ଲେଖ କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ସରକାର ଦେଶଣ ସର୍ବାଙ୍ଗୀନ ବିକାଶ ସୁନିଶ୍ଚିତ କରିବା ସହ ନକ୍ସଲବାଦ ବିରୁଦ୍ଧରେ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଫଳରେ ଏକ ସଶକ୍ତ, ସୁରକ୍ଷିତ ଏବଂ ସମୃଦ୍ଧ ଭାରତ ନିର୍ମାଣ ହୋଇପାରିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି ।

ଭାରତ ୨୦୨୬ ମାର୍ଚ୍ଚ ସୁଦ୍ଧା ନକ୍ସଲବାଦକୁ ସମ୍ପୂର୍ଣ୍ଣ ଭାବରେ ମୂଳୋତ୍ପାଟନ କରିବାକୁ ସଂକଳ୍ପବଦ୍ଧ ବୋଲି ଶ୍ରୀ ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ଓଡ଼ିଶା ଦିବସ – ଦିଲ୍ଲୀ

ଓଡ଼ିଶା ଆଜି ସ୍ୱତନ୍ତ୍ର ପ୍ରଦେଶ ଗଠନର ୯୦ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ୧୯୩୬ ମସିହା ଆଜିର ଦିନରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠିତ ହୋଇଥିଲା । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶା ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ ସରକାର ଏବଂ ରାଜ୍ୟବାସୀ ମିଳିତ ଭାବେ ସମସ୍ତଙ୍କ ପାଇଁ ଉଜ୍ଜ୍ୱଳ ଓ ନ୍ୟାୟୋଚିତ ଭବିଷ୍ୟତ ଲକ୍ଷ୍ୟରେ କାର୍ଯ୍ୟ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଏହି ଦିବସ ଓଡ଼ିଶାର ସମୃଦ୍ଧ ସଂସ୍କୃତି ପ୍ରତି ଏକ ଉପଯୁକ୍ତ ସମ୍ମାନ । କେନ୍ଦ୍ର ଏବଂ ଓଡ଼ିଶା ସରକାର ରାଜ୍ୟର ପ୍ରଗତି ପାଇଁ ବ୍ୟାପକଭାବେ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ରାଜ୍ୟପାଳ ଡକ୍ଟର କମ୍ଭମପାଟି’ ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ସମୃଦ୍ଧ ଗଠନ ଓଡ଼ିଶାର ଲକ୍ଷ୍ୟ ହାସଲ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ

ମୂଲ୍ୟବାନ ଅବଦାନ ପ୍ରଦାନ କରିଥିବା ବରପୁତ୍ରମାନଙ୍କ ନୀତି ଓ ଆଦର୍ଶ ସବୁଦିନ ସ୍ମରଣୀୟ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍‌ରେ ଆଜି ଓଡ଼ିଶା ଦିବସ ସମାରୋହ-୨୦୨୫ ଅନୁଷ୍ଠିତ ହେଉଛି । ଏଥିରେ ରାଜ୍ୟ ପ୍ରତିଷ୍ଠା ଦିବସ ପାଳନ ସହିତ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ମୂଲ୍ୟବାନ ଅବଦାନ ଦେଇଥିବା ବ୍ୟକ୍ତିତ୍ୱମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ । ଏଥିରେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନ ସ୍ଥାନ ପାଇବ । ନୂଆଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶାର ମୁଖ୍ୟା ଆବାସିକ କମିଶନର୍ ବିଶାଲ୍ ଗଗନ କହିଛନ୍ତି, ଓଡ଼ିଶା ଦିବସ ସମାରୋହ କାର୍ଯ୍ୟକ୍ରମରେ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପରମ୍ପରା ପ୍ରଦର୍ଶନ କରାଯିବ । ୨ ହଜାରରୁ ଅଧିକ ଲୋକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଏଥିରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ କେନ୍ଦ୍ରମନ୍ତ୍ରୀଗଣ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ହସ୍ତଶିଳ୍ପ ମେଳାର ଆୟୋଜନ ହୋଇଛି ବୋଲି ଶ୍ରୀ ଗଗନ କହିଛନ୍ତି ।

## ବୈଷ୍ଣବ - ସିବିଆଇ

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଭାରତରେ ଆଇନ୍‌ଗତ ଢ଼ାଞ୍ଚାକୁ ସରଳୀକରଣ କରିବା ପ୍ରୟାସର ଅଂଶସ୍ୱରୂପ ସରକାର ୨୦୧୪ ମସିହାରୁ

୧୫ଶହରୁ ଅଧିକ ପୁରୁଣା ଆଇନ୍‌କୁ ଉଚ୍ଛେଦ କରିଛନ୍ତି । ନୂଆଦିଲ୍ଲୀରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସିବିଆଇର ୬୨ତମ ପ୍ରତିଷ୍ଠା ଦିବସ ଅବସରରେ ୨୧ତମ ଡିପି କୋହଲି ସ୍ମାରକୀ ବକ୍ତୃତା ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ବୈଷ୍ଣବ ଏହି ମନ୍ତବ୍ୟ ଦେଇଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଜି ଲକ୍ଷ୍ନୌ ସୁପରଜ୍ୟାଣ୍ଟ୍‌ସ ଏବଂ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ମୁକାବିଲା ହେବ । ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ୭ଟାରେ ଖେଳାଯିବ ।

ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟୀ ହୋଇଛି । ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ଦଳ ୮ ୱିକେଟ୍‌ରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ପରାସ୍ତ କରିଛି ।